GOVERNMENT OF INDIA
NATIONAL LIBRARY, CALCUTTA.

Or

Class No. 891·451

Book No. Si ~~86~~ 931

N. L. 38.

MGIPC—84—38 LNL/56—22-5-57—50,000.

ବୃହତ ସୀତାବିଳାପ ।

ଶ୍ରୀବାଞ୍ଛୁ ଚରଣ ଦାସଙ୍କ ଦ୍ୱାରା

ଦ୍ୱିତୀୟବାର ପ୍ରକାଶିତ ।

ମନମୋହନ ପୁସ୍ତକାଳୟ, ହସନାବାଦ
ପୋ. ଅ. ମୁନ୍ଦମାରୈକ,
କଟକ ।

PRINTED AND PUBLISHED BY SARAT CH. ROY
AT THE ANGLO-SANSKRIT PRESS,
51, SANKARITOLA,
CALCUTTA
1921.

ମୂଲ୍ୟ ଚାରିପଇସା ମାତ୍ର ।

ବୃହତ ସୀତାବିଳାପ ।

ରାବଣ ସୀତାଙ୍କୁ ଟେକାଇ ନେବା ସମୟେ ସୀତା ବିଳାପ ।

୧ଶୋକ—ରାଗ କଲହଂସ କେଦାର ।

ବସାଇ ଜାନକୀଙ୍କୁ ପୁଷ୍ପକରଥେ । ଚଳନ୍ତେ ଦଶାନନ ଆକାଶ ପଥେ ଯେ । ଅତି ଆକୁଳେ ସତୀ କରନ୍ତି ଶୋକ । ବେନି ନୟନୁ ବହୁଅଛି ଲୋତକ ଯେ । ୧ । ଆହା ଶ୍ରୀରାମଚନ୍ଦ୍ର ରଘୁନନ୍ଦନ । ଆହା ମୋ ପ୍ରାଣନାଥ ହୃଦରଞ୍ଜନ ହେ । ଆହା କୋଦଣ୍ଡଧର କି ଦଣ୍ଡ ହେଲା । ଦାରୁଣ ବିଧି ଏତେ ମନ୍ଦ ପାଞ୍ଚିଲା ଯେ । ୨ । ଆହା ସୁମି-ତ୍ରାସୁତ ଲକ୍ଷ୍ମଣ ବୀର । ଘେନି ଯାଉଛି ମୋତେ ଏ ଦୁରାଚାର ଯେ । କାହିଁ ରହିଲ ଆହେ ବେନି ସୋଦର । ହରିନେଉଛି ପାପୀ ଦାନବ [illegible] ହେ ।୩। ଅନାଥନାଥ ହେ ଅହଲ୍ୟାତାରଣ । ଆହା ମୋ ଗୁଣମଣି ଜୀବଜୀବନ ହେ । ଆହା ନବୀନ ଦୂର୍ବାଦଳ ବରନ । ତୁମ୍ଭ [illegible] ଲଭିଲ କେତେ କଷଣ ହେ । ୪ । ଶିବକୋଦଣ୍ଡ ନାଥ ହେଳେ ଭାଙ୍ଗିଲ । ବାଟରେ ପର୍ଶୁରାମ ଦର୍ପ ଗଞ୍ଜିଲ ହେ । ଲକ୍ଷ୍ମୀ [illegible] ମୋତେ ଆଣିଲ ଜିଣି । ଏ କଷ୍ଟ ଥିଲା ମୋର କର୍ମରେ ପୁଣି ହେ । ୫ । ଯାମିନୀ ଅନ୍ତେ ହୋଇଥାନ୍ତ ନୃପତି । ମନ୍ଥରା ଦାସୀ ଦେଲା କେତେ ବିପତ୍ତି ଯେ । କି କି ନ କଲେ ସତେ କୈକେୟୀ ରାଣୀ । ଭୂତ ଘୋରବି ବନେ ପେଶିଲେ [illegible] ହେ । ୬ । ପିତାଙ୍କୁ ସତ୍ୟ କରାଇଲେ ଏମନ୍ତ । ବନବାସୀ ହୋଇବେ ଶ୍ରୀ ରଘୁନାଥ ହେ । ଚତୁର୍ଦ୍ଦଶ ବରଷ ବୁଲିବେ ବନ ।

ଅଯୋଧ୍ୟାରେ ମୋ ପୁଣ ହେବ ରାଜନ ଯେ । ୭ । ପିତାଙ୍କ ସତ୍ୟ ପାଳି
ବନେ ପ୍ରବେଶନ୍ତେ । ମୂର୍ଚ୍ଛି ନ ପାରି ମୁଁ ଅଇଲି ସଙ୍ଗତେ ଯେ । ସାନୁଜ
ସଉମିତ୍ରୀ ଅନୁରାଗରେ । ବନକୁ ବାହାରିଲେ ତୁମ୍ଭ ସଙ୍ଗରେ ଯେ ।୮।
ବନବାସୀ ହେବାକୁ କର୍ମରେ ଥିଲା । ବିଚ୍ଛେଦ ଯୋଗ ପୁଣି ଆସି
ଘଟିଲା ଯେ । ବିଚିତ୍ର ହେମକୁରଙ୍ଗୀ ଦେଖି ଭୋଳେ । ଲୋଭ ଯା-
କଲି କାନ୍ତ ବାନ୍ଧିବା ଛଳେ ହେ । ୯ । ଦାନବ ମାୟା ଜାଣି ପାରିଲି
ନାହିଁ । ଶ୍ରଦ୍ଧାକରି କହିଲି ବାନ୍ଧିବା ପାଇଁ ହେ । ସ୍ନେହ ନ ଭାଙ୍ଗି
ମୃଗ ମାରି ଗଲେ । ଲକ୍ଷ୍ମଣଙ୍କୁ ଜଗାଇ ମତିଆଦ୍ୱାର ହେ ।୧୦।
ଦୂରେ ଶୁଭିଲା କାନ୍ତସ୍ୱରରେ ଡାକ । ଶାହି ଶାହି ସୌମିତ୍ରୀ ଲକ୍ଷ୍ମଣ
ରଖ ହେ । କର୍ଣ୍ଣେ ଶୁଣନ୍ତେ ସହି ପାରିଲି ନାହିଁ । ସାନୁଜଙ୍କୁ ତୁମ୍ଭର
ଦେଲି ପଠାଇ ହେ । ୧୧ । ଲକ୍ଷ୍ମଣ ଯାନ୍ତେ କାହିଁ ଥିଲା ପାମର ।
ଯତିବେଶେ ମିଳିଲା ମତିଆଦ୍ୱାର ହେ । ମାଗିଲା ଫଳଭିକ୍ଷା ଦିଅନ୍ତେ
ନେଇ । ଦକ୍ଷିଣହସ୍ତ ମୋର ଧଇଲା ଝିଙ୍କି ହେ । ୧୨ । ଆକାଶକୁ
ଲୁହଁଲା ପୁଷ୍ପକଯାନ । ଆସି ମିଳିଲା ପାପିଷ୍ଠ ସନ୍ନିଧାନ ହେ ।
ମୋତେ ବସାଇ କରି ଆକାଶମାର୍ଗେ । ଘେନିଣ ଯାଉଅଛି ଦକ୍ଷିଣ-
ଦିଗେ ହେ । ୧୩ । ବନଗିରିମାନଙ୍କୁ ଦିଅନ୍ତୁ ସାକ୍ଷୀ । କହିବ କାନ୍ତେ
ସର୍ବେ ଅଛଇ ଦେଖି ହେ । ଆହେ ତମାଳ ନବପଲ୍ଲବ ଲତା ।
ମୋ କାନ୍ତେ କହିବଟି ମୋର ବାରତା ହେ । ୧୪ । ଆହେ କଦମ୍ବ
ତରୁ ଅଶୋକ ରୁତ । କାନ୍ତଙ୍କୁ କହିବଟି ମୋର ବୃତ୍ତାନ୍ତ ହେ ।
ଆହେ ମାଳତୀ ମଲ୍ଲି ମାଧବୀ ଯୂଇ । ପଚାରିଲେ କହିବ ସର୍ବେ ମୋ
ପାଇ ହେ । ୧୫ । ଚମ୍ପା ସେବତୀ ଜୁଗିଅନା କେତକୀ । କାନ୍ତେ
କହିବ ମୋର ବାର୍ତ୍ତା ଏତିକି ହେ । ଆକୁଳେ ପଚାରିଲେ ...
ବୋଲିବ ଜାନକୀଙ୍କୁ ନେଲା ରାବଣ ହେ । ୧୬ । ଅହେ ହରିଣୀଯୂଥ
କରିଣୀକୁଳ । ଆହେ ବରାହ ଭଲ୍ଲୁକ ଗଣ୍ଡା ଗୟଲ ହେ । ଅହେ ଶୁକ
ସାରିକା କୋକିଳ କେକୀ । ସକଳ ବନଜୀବେ ଥାଅ ମୋ ସାକ୍ଷୀ ହେ ।।
ହେ ଦଶଦିଗପାଳ ଦେବତାବୃନ୍ଦ । ଘେନିଯାଉଛି ମୋତେ
ଦଶକନ୍ଧ ହେ । ଆକୁଳେ ବିଳପନ୍ତି ସେ ବଇଦେହୀ । ବିପତ୍ତି କାଳେ

ସାହା ନୋହିଲ କେହି ହେ । ୧୮ । ପତି ଗୁଣ ସୁମରି ଶ୍ରୀରାମ-ରାଣୀ । ଗଣ୍ଡେ ନିବେଶିଛନ୍ତି କମଳପାଣି ଯେ । ମହୀକି ଚାହିଁ ନେତ୍ରୁ ଝରେ ଲୋତକ । କାତରେ କମ୍ପୁଅଛି ଶ୍ରୀଅଙ୍ଗଯାକ ହେ । ୧୯ । ଆକାଶ-ମାର୍ଗେ ଦୈତ୍ୟ ବାହୁଛି ଯାନ । ହାହାକାର ଶବଦେ ଉଛୁଳେ ବନ ହେ । ଏମନ୍ତେ ବଇଦେହୀ କରନ୍ତି ଶୋକ । କହଇ ବେଣୁଧର ପଞ୍ଚନାୟକ ହେ । ୨୦ ।

—✸—

୨ୟ-ଶୋକ ରାଗ—ବସନ୍ତ ।

ଏଭଦଶା ଭିକ୍ଷା ମାଗି ଆସି ଏକା ପାଇ । ରାବଣ ଯାଉଛି ମୋତେ ବଳେ ବଳେ ନେଇ । ୧ । କାହୁଁ ଆସିଲା କନକମୃଗ ଦେଖି ବଣି । ମୋ ସ୍ନେହ ବଳିଲା କାନ୍ତ ଗଲେ ମୃଗମାରି । ୨ । ଲକ୍ଷ୍ମଣ ଶାସ୍ତ୍ର ଶୁଣିଣ ହେଲ ଛନ୍ନ ମନ । ବୁଝାଉଁ ଯାରେ କହିଲି ମୁଁ କଟୁ ବଚନ ॥ ନ ସହି ଲକ୍ଷ୍ମଣ ଗଲେ ଧର୍ମ ସାକ୍ଷୀ କରି । ବିପଦ ଅନ୍ଧାର ଘୋଡ଼ିଆସୁ ଗଲା ଘେରି । ୪ । ହୃଦରେ ଜଳୁଛି ମୋର ଦୁଶ୍ଚିନ୍ତା ଅନଳ । ଲିଭୁ ନାହିଁ କିଛି ନେତ୍ରେ ପୂରି ଅଶ୍ରୁଜଳ । ୫ । ନାରୀ ନ ଥିବେ ମୋପରି ଭାଗ୍ୟବତୀ କେହି । ସବୁଠାରେ ହୀନମାନୀ ଏବେ ହେଲି ମୁହିଁ । ୬ । ଜନକ ପିତା ଶ୍ୱଶୁର ଦଶରଥ ମୋର । ଶାଶୁ ବୀରମାତା ଠାକୁରାଣୀ ଅଯୋଧ୍ୟାର । ୭ । ବ୍ରହ୍ମାଣ୍ଡରେ ଏକ ବୀର ପରମ ସୁନ୍ଦର । ରାମଚନ୍ଦ୍ର ପତି ମୋର ଲକ୍ଷ୍ମଣ ଦେବର । ୮ । ଭାଗ୍ୟ ପାହିଲେ ହୁଅନ୍ତେ ରାଜ୍ୟରେ ରାଜନ । ବନବାସ କପାଳରେ ଘଟିଲା ସେ ଦିନ । ୯ । ଏବେ ସତୀ କରି ଖଳ କିଛି ନ ବୁଝିଲା । ସିଂହର ଘରଣୀକି ଶୃଗାଳ ହସ୍ତେ ଦେଲା । ୧୦ । ଏକାଳରେ ଅଭ-ର ସାହା କେହି ନାହିଁ । ତୁମ୍ଭେ ମୋ ବନର ସଖି ରଖ ମୋ ଛଡ଼ାଇ । ୧୧ । ଧର ଗୋ ସାଖା କରରୁ ବଢ଼ାଇ ଝଟତି । ବୁଝିବେ ପାମର କଥା ଆସିଲେ ମୋ ପତି । ୧୨ । କହୁଁ କହୁଁ ଉଠିଗଲା ରଥ ଉପରକୁ । ଅନାଯୂତେ କାନ୍ଦ କରେ ଅନାଇ ତଳକୁ । ୧୩ । ଖୋଜିବେ ଆସି ବିକଳେ ମୋତେ ବୁଲଇ । କହିବ ତୁମ୍ଭେ ରାବଣ

ନେଲଣ୍ଟି ଫେରାଇ । ୧୪ । ଶୋକରେ ଉଠିଲେ ଫୁଲି ଏ ବାରତା ଦେଇ । ନେତ୍ର ଅଶ୍ରୁଜଳେ ମୁଖ ବକ୍ଷକୁ ଭିଜାଇ । ୧୫ । ଅହା ପିତା ଦିନେ ଯାକୁ କନ୍ଦାଇ ନ ଥିଲେ । ଏବେ ସେ କାନ୍ଦ ଶବ୍ଦୁ ଦେଖି ନ ପାରିଲେ । ୧୬ । ଆହେ ସ୍ୱର୍ଗବାସୀ ଦଶରଥ ଦଣ୍ଡଧର । ଶୁଭୁନାହିଁକି ମୋହର ଏ କ୍ରନ୍ଦନ ସ୍ୱର । ୧୭ । ଅଛୁ ପରା ଶାହସ୍ତେ ଶବ୍ଦଭେଦ ଶର । କାଢୁନାହିଁ କିପାଁଇ ପାମର ଦଶଶିର । ୧୮ । ଆହେ ଘନଶ୍ୟାମଳ ଗରୁଡ଼ର ଭ୍ରାତ ବେନି । ରକ୍ଷି ନ ପାରିଲତ ରାବଣ ଯାଏ ଘେନି । ୧୯ । ମୃଗୟା ବାହୁଡ଼ା ବେଳେ ମୃଗଙ୍କର ଦିଆଇ । ଦର-ହାସେ ହସିବେ କା ମୁଖକୁ ଅନାଇଁ । ୨୦ । ନାନାଜାତି ପୁଷ୍ପ ଆଣି କା ଗଭା ମଣ୍ଡିବ । ସନ୍ନିଧେ ବସାଇ କାହା ବେଣୀ ସଜାଡ଼ିବ । ୨୧ । ବନବାସେ କଷ୍ଟ ନାହିଁ ତୋ ଘେନି ମୋହର । ବୋଲି ବୁଝାଇବ ଓଷ୍ଠ ଧରିଣ କାହାର । ୨୨ । ସୁଖ ଦୁଃଖ ପ୍ରଶ୍ନ ପଚାରିବ କାହା ଘେନି । ଭୋଜନେ ଶୟନେ କେ ସେବିବ ମନ ଜାଣି । ୨୩ । ବ୍ରହ୍ମାଣ୍ଡ ଖୋଜି ବୁଲିବ ମୋତେ ମୁଁ ଜାଣଇ । ସେବାରେ ବୁଝିବ ସିନା ବଞ୍ଚିଥିଲେ ମୁହିଁ । ୨୪ । ମୃତ୍ୟୁ ଅଧିକ ବାଧୁଛି ହୃଦୟେ ଏ କଥା । ସ୍ତ୍ରୀର ଦାସୀ ଜନମନ୍ତେ ପାଇବ କେତେ ବ୍ୟଥା । ୨୫ । ନାରୀ ମିଳିବେ ସେବାକୁ ବହୁତ ମୋପରି । ଜାଣି ନ ପାରିବେ ପର ମନ ଭଲ କରି । ୨୬ । ମଧୁଶଯ୍ୟାର ଉପମ ପାଳିବତ ପୁଣି । ମୁଁ ପାମରୀ ହେଲି ସର୍ବ ଦୁଃଖର କାରଣୀ । ୨୭ । ବୋଇଲେ ଭକତଦାସ କାନ୍ଦି ଗୀତେ ବୋଲେ । ଜଗତର ଠାକୁରାଣୀ କି ଦଶା ଲଭିଲେ । ୨୮ ।

ଆତ୍ମ-ଶୋକ । ରାଗ—ଖଣ୍ଡିତା ।

ଅଯୋଧ୍ୟା ରାଜସଦନ ଛଡ଼ାଇ ବନରେ ।
ସାମାନ୍ୟ ଜନ ପରିଏ ଭ୍ରମାଇ ପାଦରେ ।
ମନ୍ଦକର୍ମ ରେ । ଯେତେ ଦୁଃଖ ଦେଲୁ ନୁହେଁ କହି ରେ । ୧
ତେବେ ତୋର ମନବାଞ୍ଛା ନୋହିଲା ପୂରଣ ।
ବିପତ୍ତି ପରେ ବିପତ୍ତି ଦେଲୁ ଉଦାରୁଣ ।

କି ଦୋଷରେ ଯେ । ଏଦଣ୍ଡ ବିହିଲ ମୋହଠାରେ ରେ ॥
ଅପୂର୍ବ କୁରଙ୍ଗୀ ମାରିବାକୁ ସ୍ୱାମୀ ମୋର ।
ମାୟାରେ ମୋହିତ ହୋଇ ଗଲେ ବନ ଘୋର ।
ମୋର ବୋଲେ ଯେ । ତା କପଟ ଜାଣି ନ ପାରିଲେ ଯେ ॥
ତାଙ୍କ ବିପତ୍ତି ଆଶଙ୍କା କରିଣ ମନକୁ ।
କଟୁବାଣୀ କହି ପଠାଇଲି ଲକ୍ଷ୍ମଣଙ୍କୁ ।
ଏକା ଦେଖି ଯେ । ବଳେ ନେଉଅଛି ଦଂଶଆସି ଯେ ॥
ରେ ରାବଣ ମୋ ବାରତା ଶୁଣ ମନଦେଇ ।
ପରନାରୀ ହରି କେହି ସୁଖ ଲଭି ନାହିଁ ।
ଅକାଳରେ ଯେ । ଧନ ପ୍ରାଣ ଆଦି ସର୍ବସରେ ଯେ ॥
ଛାଡିଲୁ ଦଇବ ତୋତେ ନ ଶୁଣୁଛୁ ବାଣୀ ।
ସ୍ୱର୍ଣ୍ଣଲଙ୍କା ଛାରଖାର ହେବ ଥାଅ ଜାଣି ॥
ଆୟୁ କ୍ଷୟ ରେ । ଆଜଠାରୁ ହେଲା ପାପାଶୟ ରେ ॥
ମହାବୀର ରାମଚନ୍ଦ୍ର ଥିଲେ ମୋର ପାଶ ।
କି ଅଛୁ ମୋତେ ଦେଖନ୍ତି କେତେ ତୋ ସାହାସ ।
ଶ୍ୱାନ ହୋଇ ରେ । ସିଂହେ ବାଦ କରୁ କାହିଁପାଇଁ ରେ ॥
ଖୋଜି ଖୋଜି ରାମ ଯେବେ ବାରତା ପାଇବେ ।
ସବଂଶେ ନିଧନ ତୋତେ ନିଶ୍ଚୟେ କରିବେ ।
ମୋ ବଚନରେ । ଜାଣିଥାଅ କେବେଁ ନୁହେ ଆନ ରେ ॥
ଇତରରମଣୀ ପ୍ରାୟ ନମଣ ରାବଣ ।
ମୋର ସ୍ୱାମୀ ଅଟନ୍ତି ଯେ ସ୍ୱୟଂ ନାରାୟଣ ।
ତାଙ୍କୁ ସହ ରେ । କଲେ ଭକ୍ତି ଦିଅନ୍ତି ଅଭୟ ରେ ॥

୪ର୍ଥ ବିଳାପ ।

ଉଚ୍ଚସ୍ୱରେ ମହାସତୀ କରନ୍ତି ରୋଦନ ।
ନୟନରୁ ନୀରଧାର ବହେ ଘନ ଘନ ଯେ । ୧ ।

ଜନକରାଜାର ମୁଁ ଯେ ଅଟଇ ଦୁଲଣୀ ।
ଦଶରଥ ସୁତ ରାମଚନ୍ଦ୍ରଙ୍କ ଘରଣୀ ଯେ । ୨ ।
ଆହା ମନ୍ଦ ଦଇବରେ ଏଡ଼େ କୃତ୍ୟ କଲୁ ।
ସିଂହରଘରଣୀ ଆଣି ଶୃଗାଳକୁ ଦେଲୁ ଯେ । ୩ ।
ମନ୍ଦ କରମରେ ମୋର ଏହା ଲେଖାଥିଲା ।
ପାପିଷ୍ଠ ରାବଣ ମୋତେ ଧରି ନେଇ ଗଲା ଯେ । ୪ ।
ସ୍ୱାମୀ ଯେବେ ଥାନ୍ତେ ଧନୁଶର କରେ ଥାନ୍ତା ।
ଏ ଛାର ପାପିଷ୍ଠ ମୋତେ ଧରି କି ନିଅନ୍ତା ଯେ । ୫ ।
ହା ରାମ ଲକ୍ଷ୍ମଣ ଧନୁର୍ଦ୍ଧର ରଘୁନାଥ ।
ତୁମ୍ଭେ ଥାଉଁ ଥାଉଁ ମୁଁ ଯେ ହୋଇଲି ଅନାଥ ଯେ । ୬ ।
ବୋଲେ ବୈଷ୍ଣବ ସଦାଶିବ ଏଥି ଅନନ୍ତରେ ।
ରଥରେ ବସାଇ ନେଲା ସେ ଲଙ୍କା ନଗରେ । ୭ ।

—*—

୫ମ-ଶୋକ । ରାଗ—ଖେମଟା ।

ବନଗିରି ହେ ଲତାଗିରି । ମୋ କାନ୍ତ ଗଲେ ମୃଗମାରି । ପଦ ।
ଅଯୋଧ୍ୟା ଦେଶେ ଘର, ଦଶରଥ କୁମର ।
ଶ୍ରୀରାମଚନ୍ଦ୍ର ମନୋହାରୀ ହେ ବନଗିରି । ୧ ।
ପିତା ସତ୍ୟ ପାଳିଣ, ବନସ୍ତେ ନେଲୁଁ ଦିନ ।
ପଞ୍ଚବଟୀରେ ବାସ କରି ହେ ବନଗିରି । ୨ ।
ମାୟାକୁରଙ୍ଗୀ ଦେଖି, ଲୋଭେ ହୋଇଲି ସୁଖୀ ।
କାନ୍ତେ ବୋଇଲି ଶିକ୍ଷା କରି ହେ ବନଗିରି । ୩ ।
ଶୁଣି ମୋର ଉତ୍ତର, ଧରି କୋଦଣ୍ଡ କର ।
ରାଘବ ଗଲେ ମୃଗମାରି ହେ ବନଗିରି । ୪ ।
ଲକ୍ଷ୍ମଣ ଡାକ ଶୁଣି, ତାଙ୍କୁ ପେଶିଲି ପୁଣି ।
ସେ ମୋତେ ଗଲେ କ୍ରୋଧ କରି ହେ ବନଗିରି । ୫ ।
ମୋତେ ଏକା ଦେଖିଣ, ଭିକ୍ଷାମାଗି ରାବଣ ।
ମାୟାତପସ୍ୱୀ ରୂପ ଧରି ହେ ବନଗିରି । ୬ ।

ପାଦଲାଗି ଯାହାର, ପାଷାଣ ହେଲା ନାରୀ ।
ତା କର ଧରି ଏବେ ସରି ହେ ବନଗିରି । ୭ ।
ଧରି ମୋହର କର, ବସାଇ ରଥବର ।
ମୋତେ ନେଉଛି ଲଙ୍କାପୁରୀ ହେ ବନଗିରି ।୮।
କହିବ ମୋ କାନ୍ତଙ୍କୁ, ମାରିବେ ରାବଣକୁ ।
ମୋତେ ଆଣିବେ ବେଗ କରି ହେ ବନଗିରି । ୯ ।
ବୋଲେ ଦ୍ୱିଜ ଗୋପାଳ, ସୀତା ହୋଇ ଆକୁଳ
କାନ୍ଦନ୍ତି ଶ୍ରୀରାମ ସୁମରି ହେ ବନଗିରି । ୧୦ ।

—❋—

ଲଙ୍କାରେ ହନୁମନ୍ତ ଠାରୁ ରତ୍ନମୁଦି ପାଇ ସୀତାଙ୍କ ବିଳାପ ।

ବସ୍ତୁ-ଶୋକ, ରାଗ—ତୋଡି ।

ରାମ ଆଜ୍ଞା ହନୁ ଶିରେ ଘେନି । ଅଞ୍ଜନାସୁତ ସାହେର ଜଣି । ସୀତାଙ୍କ ପାଶରେ ମୁଦ୍ରିକା ଦଅନ୍ତେ ଦେଖି ରୋଦନ୍ତି ସେ ରାମରାଣୀ ରେ । ହେ ରତ୍ନମୁଦି । ଜାଣୁ ଜାଣୁ ହରାଇଛୁ ମୋର ବୁଦ୍ଧି ରେ । ଶୂନ୍ୟ ଅଙ୍କେ ବହିଥିବେ ଦୟାନିଧି ରେ । ରତ୍ନମୁଦି । ୧ । ଶିବ କୋଦଣ୍ଡ ଭାଙ୍ଗିବାବେଳେ । ତୋତେ ମୋତେ ପିତା ଘେନି କୋଳେ । ଗଦ ଗଦ ହୋଇ ଲୋତକ ବୁହାଇ ତୋତେ ମୋତେ ଦେଲେ ରାମକୋଳେ ରେ । ୨ । ସର୍ବଅଲଙ୍କାର କଲେ ଦୂର । ଆଜ୍ଞା ନ ଲଙ୍ଘିଲେ ପିତାଙ୍କର । ନକାଞ୍ଚନ ବେଶ ହୋଇ ଦାଶରଥି ତୋତେ ମାତ୍ରକ ଧଇଲେ କର ରେ । ୩ । କି କେ ଅଇଲ ଖାଟରି ଜଣି । ଏକା ହୋଇଥିବେ ରଘୁମଣି । ନ ସହି ଦଇବ ଏ ଦଣ୍ଡ ବହିଲା ଜୀବ ଯାଉ ରାମ ନାମ ଶୁଣି ରେ । ୪ । ପରିହିମା କରି ମୋର ଅଙ୍ଗ । ଯୁବାକାଳେ ବିଧି କଲା ଭଙ୍ଗ । କେବଳ ଲାବକ କରୁଣା, କୋଦଣ୍ଡ ଭାଗ୍ୟ ଥିଲେ ହେବ କାନ୍ତସଙ୍ଗ ରେ । ୫ । ଆଜେ ମାରୁତି ବହନେ ଯିବ । ରାମ ଅଗତେ ପ୍ରବେଶ ହେବ । ବୋଲେ ଦ୍ୱିଜ ମହାସତୀ ଆଜ୍ଞାଦେଲେ ମଥାମଣି ପଦ୍ମପାଦେ ଦେବା । ୬ ।

—❋—

ଅଶୋକବନେ ସୀତାଙ୍କ ବିଳାପ ।

୭ ମ ରାଗ—ଖଣ୍ଡିତା ।

ଅଶୋକ ବିପିନେ ସୀତା ଖେଦନ୍ତି ବିଶେଷ ।
ରକ୍ଷାଅସୁରୀ ଅଛନ୍ତି ଘେରି ଚଉପାଶ ।
ତାର ଦୃଶ୍ୟ ଯେ । ଯେପରି ଗ୍ରହଣେ ରାହୁ ଗ୍ରାସ । ୧ ।
ଆରେ ବିଧି କି ନ ହିଙ୍କି କଲୁ ତୋ ପ୍ରସ୍ତାଣ ।
କିଶିଧୋଟେ ରାଜ୍ୟେଶ୍ୱର ପଦ କରି ନାଶ ।
ବନବାସ ରେ । ପଠାଇଣ ହୋଇଲୁ ହରଷ ରେ । ୨ ।
ବିମାତା କି ତପେ ଜପେ କରିଥିଲେ ବଶ ।
ସଦ୍ୟେ ଅଭୀଷ୍ଟ ପ୍ରଦାନେ ହେଲା ତୋ ମାନସ ।
ସର୍ବନାଶ ରେ । କରିଲୁ ତୁ ଅଗୁଁମାଳୀ ଅର୍ଥେ ରେ । ୩ ।
ଯେବେ ଆଜ କରିଥାନ୍ତି ଶ୍ରୀରାମେ ରାଜେଶ ।
ସୁଖୀରଇ ସ୍ତମ୍ଭ ସ୍ଥାପିଥାନ୍ତି ରାଜ୍ୟଦେଶ ।
ଏ ସୁଯଶ ରେ । ନକରି ଅର୍ଜିଲୁ ଏ କୁଯଶ ରେ । ୪ ।
ସେଥିରେ ଚିନ୍ତା ନଥିଲା ହୋଇଲୁଁ ତାପସ ।
ତଥାପି ତୋ ମନୁ ଘୃଣା ନ ହେଲା ନିଃଶେଷ ।
ବଢ଼ି ରୋଷରେ । ଦଶରଥେ ଦେଲୁ ସ୍ୱର୍ଗବାସ ରେ । ୫ ।
ରାଜ୍ୟନାଶ ବନବାସ ପୁଣି ପିତୃନାଶ ।
ସର୍ବ ନାଶକରି ତୁ ନ ହୋଇଲୁ ସନ୍ତୋଷ ।
ମୃଗ ପାଶ ରେ । ବ୍ୟାଧପରି ଦେଖାଇ ଲଙ୍କେଶ ରେ । ୬ ।
ଏବେ ଆଣି ଅସୁରୀ ମଧ୍ୟରେ ଦେଲୁ ବାସ ।
କି ପାପ କଥା କହି ଶୁଣାଉଛନ୍ତି ରାକ୍ଷସ ।
ତା ସାହସ ରେ । କରିବାକୁ ସତୀତ୍ୱ ବିନାଶ ରେ । ୭ ।
ସତ୍ୟେ ଯେବେ ଚନ୍ଦ୍ର ସୂର୍ଯ୍ୟ ଧରିତ୍ରୀ ଆକାଶ ।
ସତ୍ୟ ଯେବେ ପତିବ୍ରତା ମୋହର ମାନସ ।
ଏ ଲଙ୍କେଶ ଯେ । ଅନ୍ତେ ସବଂଶେ ହେବ ବିନାଶ ଯେ । ୮ ।

ସତ୍ୟେ ଯେବେ ଥିବେ ବାୟୁ ବହ୍ନି ବା ଜଳେଶ ।
ତେବେ ଲଙ୍କା ପୋଡଯାଇ ହେବ ଭସ୍ମୀଭୂତ ।
ଏ ମୋ କ୍ଲେଶ ଯେ । ଦୂରହେବ ଭେଟି ପ୍ରାଣେଶ ଯେ ।୯।
ଆହା ପ୍ରାଣନାଥ ମୋର ଜୀବର ଜୀବେଶ)
ଅଭାଗିନୀ ଲାଗି ସହୁଥିବେ ବହୁକ୍ଲେଶ ।
ବେଶ ବାସ ହେ । ସମସ୍ତ ମଣିଥିବେଣି ବିଷ ଯେ । ୧୦ ।
ମୁଁ ମଧ୍ୟ ହୋଇଛୁ ଅନାଥିନୀ ନାହିଁ ଆଶ ।
ତବ ବିନା କେ କରିବ ଆଉ ଯେ ସମ୍ଭାଷ ।
ବେଗେ ଆସ ହେ । ସ୍ୱହସ୍ତେ ଲଙ୍କାଧିପତି ନାଶ ହେ । ୧୧ ।
ତୁମ୍ଭ ବିନା ଗତକଲା ମୋର ସାହାସ ।
ଉଡିଯାଉଥିଲା ମାତ୍ର ବନଚାର ଶିଷ ।
ସୁ-ସନ୍ଦେଶ ହେ । କହି ରଖାଇଛୁ ମୋ ମାନସ ହେ ।
ଆହେ ପ୍ରାଣନାଥ କାହିଁ ଅଛ ବେଗେ ଆସ ।
ଏ ପାମରୀ କରିଅଛୁ ଶ୍ରୀଚରଣେ ଆଶ ।
କିମ୍ପା ଭାସେ ହେ । ଦରଶନେ ହୋଇବି ଉଲ୍ଲାସ ହେ । ୧୩ ।
ହେ ବାବୁ ଲକ୍ଷ୍ମଣ ପାପୀପ୍ରାଣୀ କରି ରୋଷ ।
ଗଣ୍ଡି ନ କହି କହିଲି ତୁମ୍ଭେ କଟୁଭାଷ ।
ଛାଡି ପାଶ ହେ । ଘୋରଅରଣ୍ୟେ ହେଲ ପ୍ରବେଶ ହେ ।୧୪।
ତୁମ୍ଭେ ଥିଲେ ହିଂସ କରିଥାନ୍ତା ଏ ଲଙ୍କେଶ ।
ଧନୁଶର କରେ ଥିଲେ କେତେ ଯେ ଲଙ୍କେଶ ।
କରି ଶେଷ ହେ । ରଖିଥାନ୍ତ ମହୀରେ ସୁଯଶ ହେ । ୧୫ ।
ହା ରାମ ଲକ୍ଷ୍ମଣ ତୁମ୍ଭ ବିନା ଏ ବିଦେଶ ।
କେହିନାହିଁ ମୋର ମନୁ ତେଜିବ ଏ ପ୍ରାଣ ।
କାହିଁକିପା ହେ । ବିନାଶି ମହୀଭାର ଉଶ୍ୱାସ ହେ । ୧୬ ।
ଶ୍ରୀରାମ ଲକ୍ଷ୍ମଣ ସୀତା ପାଦେ ସର୍ବେ ରସ ।
ଅକାରଣେ ହେଉ ଯନ୍ତ୍ରଣା କାଳପାଶ ।
ଏ ମାନସ ହେ । ଭଣେ ଅଧିନ ମୋହନ ଦାସ ହେ । ୧୭ ।

ଅସୁରୀମାନଙ୍କ ଭର୍ତ୍ସନା ଶୁଣି ସୀତାଙ୍କ ଶୋକ ।

୮ମ ଗୀତ —ରାଗ କୁମ୍ଭକାମୋଦୀ ।

ଅସୁରୀ ଭର୍ତ୍ସନା ଶୁଣି ଠାକୁରାଣୀ କରନ୍ତି କାରୁଣ୍ୟ ।
ଆହା ସ୍ୱାମୀ ଖର-ଦୂଷଣ-ଅନ୍ତକ ଆହା ହେ ଲକ୍ଷ୍ମଣ । ୧ ।
ଅନାଥ ତରୁଣୀ ପ୍ରାୟ ମୋତେ ଆଣି କଲୁରେ ଦଇବ ।
କେତେ କେତେ କଟୁବାଣୀ ଶୁଣି ଶୁଣି ତନୁ କି ରହିବ । ୨ ।
ରାବଣ ପୁରେ ଅଛୁ ବୋଲି କେମନ୍ତେ ଜାଣିବେ ମୋ ପତି ।
ଦାରୁଣ ଦଇବ ବିପତ୍ତି ଉପରେ ଦେଉଛି ବିପତ୍ତି । ୩ ।
ବହୁ ଯେ ଥିବ ନିରନ୍ତରେ ନୟନକମଳୁଁ ଲୋତକ ।
ଦହୁ ଯେ ଥିବ ମୋ ବିହୀନେ ହୃଦୟ କୁସୁମ-ଶାୟକ । ୪ ।
କହୁ ଯେ ଥିବେ ବନଜୀବମାନଙ୍କୁ ହୋଇଣ ବିନତା ।
ପୁଚ୍ଛୁଣ ଥିବେ ଯେ କହୁଥିବେ ପୁଣ ମୋହର ବାରତା । ୫ ।
ପ୍ରାଣନାଥ ମୋର କୁଚର ଚନ୍ଦନ ମଣ ଯେ ଅନ୍ତର ।
ଏବେ ଅନ୍ତର ହୋଇ ମୋତେ ରହିଲ ପର୍ବତ ସାଗର । ୬ ।
କେମନ୍ତ କରି ପ୍ରାଣନାଥ ବିହୀନେ ଧରିବି ଜୀବନ ।
ଆଉ କି ମୋତେ ବାରେ ଦେଖାଇବେ ସୁନ୍ଦରବଦନ । ୭ ।
ଭକ୍ଷ୍ୟ ମରିବି କଷ୍ଟରୁ ତରିବି ଖାଅ ମୋର ଅଙ୍ଗ ।
ବୋଲେ ଭଣୀ ଶୁଣି ତ୍ରିଜଟା କହଇ ସ୍ୱପନପ୍ରସଙ୍ଗ । ୮ ।

ମାୟା ରାମ ଲକ୍ଷ୍ମଣ ମୁଣ୍ଡ ଦର୍ଶନେ ସୀତାଙ୍କ ଶୋକ ।

୯ମ ଗୀତ—ରାଗ ଚନ୍ଦ୍ରାଭୈରବ ।

ଗୋପବିଳାପବୃତ୍ତ

ଆହା ଧନୁର୍ଦ୍ଧର ବୀରବର । ଧନୁ ଶର ନ ଥିଲା କି କର ।
ଯାହାର ବାଣ ବ୍ରହ୍ମାଣ୍ଡ ଦହିପାରେ, ତାଙ୍କୁ ମାରିଲା ପ୍ରହସ୍ତ ଚର ହେ ଦଇବ । ୧ ।

ଆଣୁ ନ ଥିଲେ ମୋତେ ମୋ ପତି । ଜାଣନ୍ତେ ସେ ପଡନ୍ତେ ବିପତି ।
ମୂର୍ଚ୍ଛି ନ ପାରି ମୁଁ ସଙ୍ଗତେ ଆଇଲି, ତେଣୁ ହୋଇଲା ଏମନ୍ତ ଗତି ହେ ଦଇବ । ୨ ।

ଚରଂକାଙ୍କ୍ଷୀ ଅଟନ୍ତି ଶ୍ରୀରାମ । ମୁଢବଚନ ହେଲା କି ଭ୍ରମ ।
ମୋତେ ବୋଲନ୍ତି କଥବା ଯୋଗ ନାହିଁ, ଏବେ କିପାଁ ହେଲା ଏଡ଼େ କର୍ମ ହେ ଦଇବ । ୩ ।

ଯେଉଁ ଯୁବତୀ ପତି ଆଗରେ । ମରେ ପୁଣ୍ୟବତୀ ବୋଲି ତାରେ ।
ଯୁବତୀ ଆଗେ ପତି ଯେବେ ମରଇ, ତାକୁ ଦୂଷିତ ହୋଏ ସଂସାରେ ହେ ଦଇବ । ୪ ।

ଯେବେ ଲକ୍ଷ୍ମଣ ଗଲେ ପଳାଇ । ମୋର ଶାଶୁଙ୍କୁ କହିବେ ଯାଇଁ ।
ସୀତା ନେଇ ଦୈତ୍ୟ ରାମଙ୍କୁ ମାରିଲେ, ଏହା ଶୁଣିଲେ ଜୀଇବେ ନାହିଁ ହେ ଦଇବ । ୫ ।

ତୁମ୍ଭେ ଜାଣତ ସକଳ ଗତି । କିପାଁ ଜାଗର୍ତ୍ତି ନୋହିଲ ରାତି ।
ମୁହିଁ ତୁମ୍ଭଙ୍କୁ କାଳରାତ୍ରି ହୋଇଲି, ମୋର ଯୋଗୁଁ ବିନାଶ ମୋ ପତି ହେ ଦଇବ । ୬ ।

ପୁଣି ଧନୁ ତୂଣୀକି ଅନାଇଁ । ଚାହିଁ ବିଳପନ୍ତି ଗୁଣ ଗାଇ ।
ଏହି କାଳେଟେ ପ୍ରହସ୍ତ ଦ୍ୱାରେ ରହି, ତାର ଛମୁକୁ କହି ପଠାଇ ସେ ପ୍ରହସ୍ତ । ୭ ।

ଦୂତ ଶ୍ରବଣେ ବେଗେ ଜଣାଇଁ । ଦେବ ପ୍ରହସ୍ତ ଆସିଛି ଧାଇଁ ।
ଜଣାଇ ପଠିଆଇଛି କପିମାନେ ବାଡ଼ ପରେଶ ପଡିଲେ ଦେଇଁ ହୋ ଯେ ଦେବ । ୮ ।

ଶୁଣି ସବୁରେ ଛନ୍ଦି ଅଇଲା । ପ୍ରଶସ୍ତକୁ ସବୁ ପଚାରିଲା ।
ଲବଣ ଆସିବା ମାତ୍ରେ ଶିର ଧନ୍, ସେହିକ୍ଷଣି ଅଦୃଶ୍ୟ ହୋଇଲା ହେ
ସୁଜନେ । ୯ ।
ଦଶଗିର ବୋଲେ ମାରକପି । ଦୈତ୍ୟମାନଙ୍କୁ ପେଷିଲା କୋପି ॥
ବୋଲେ ଲକ୍ଷ୍ମୀ ରାଉପାଶରେ ଜଗିଲେ, ରଜା ଆଜ୍ଞା ପାଇ ଥାନ୍ତି ବ୍ୟାପି
ହେ ଅସୁରେ । ୧୦ ।

IMPERIAL LIBRARY

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ ଉକ୍ତ ଠିକଣାରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ପଦ୍ୟ ନୈମିଷ ଭାରତ	ଟ ୧ ୶
,, ଏକାଦଶସ୍କନ୍ଧ	ଟ ୦ ।୵
,, ଦଶମସ୍କନ୍ଧ ଗୋପଲୀଳା	ଟ ୦ ୵
,, ,, ଦ୍ୱାରକାଲୀଳା	ଟ ୦ ୶
,, ଚନ୍ଦ୍ରପୁରାଣ	ଟ ୦ ୶
,, ବିଲଙ୍କା ରାମାୟଣ	ଟ ୦ ୶
,, ବଭ୍ରୁବାହାନ ଯୁଦ୍ଧ	ଟ ୦ ।୵
,, ଗଙ୍ଗାମାହାତ୍ମ୍ୟ	ଟ ୦ ।
,, ମଥୁରାମଙ୍ଗଳ	ଟ ୦ ।୵
,, ପ୍ରସ୍ତାବଚିନ୍ତ	ଟ ୦ ।୵
,, ବିଷ୍ଣୁପୁରାଣ	ଟ ୦ ।
,, ଦାରୁଢାଭକ୍ତି ପ୍ରଥମ	ଟ ୦ ।୵
,, ,, ୨ୟ	ଟ ୦ ୵
,, ଗଣେଶବିଭୂତି	ଟ ୦ ।
,, ଗୀତଗୋବିନ୍ଦ	ଟ ୦ ।
,, ତ୍ରୟୋଦଶସ୍କନ୍ଧ	ଟ ୦ ୵୬
,, ଦଶଅବତାର ଲୀଳା	ଟ ୦ ୵୬
,, ଭୂତକେଳି	ଟ ୦ ୵
,, ଅଙ୍ଗଦପଦ	ଟ ୦ ୵
,, ଅଶ୍ୱମେଧଯଜ୍ଞ	ଟ ୦ ୵
,, ବ୍ରହ୍ମାଣ୍ଡ ଭୂଗୋଳ	ଟ ୦ ୵
,, ଭଜନସାର	ଟ ୦ ୵
,, ଭୁଲାଭଣା	ଟ ୦ ୵୬
,, ଗୁଣସାଗର	ଟ ୦ ୵
,, ଭ୍ରମରବରଗୀତ	ଟ ୦ ୵
,, [illegible] ଯୁଦ୍ଧ	ଟ ୦ ।୬
ପଦ୍ୟ କବିତ୍ୱ ଗୀତା	୦ଟ ୵
,, ଗୁଣିକା ଶ୍ଳୋକ	ଟ ୦ ।୭
,, ଗୃହଶାନ୍ତିପାଠ	୦ ୵
,, ହନୁମାନପ୍ରଶ୍ନ	ଟ ୦ ୵
,, ବହାସଙ୍କୀର୍ତ୍ତା	ଟ ୦ ।୭
,, ଶ୍ରୀକାଳଭୈରବରଙ୍ଗିନିଇକର୍ମ	ଟ ୦ ।୲
,, ଲକ୍ଷ୍ମୀପୁରାଣ	ଟ ୦ ।୭
,, ସଙ୍ଗୀତ ରତ୍ନମାଳା	ଟ ୦ ।
,, କପଟପାଶ	ଟ ୦ ।୲
,, ବର୍ଣ୍ଣବୋଧକ	ଟ ୦ ।୭
,, ଗୋପୀଭାଷା	ଟ ୦ ୯
,, କୋଇଲିମାଳିକା	ଟ ୦ ୯
,, ଲବଣ୍ୟନିଧି	ଟ ୦ ୯
,, ଅରଣ୍ୟକାଣ୍ଡ	ଟ ୦ ୯
,, ଶିବାଥମେଳା	ଟ ୦ ।
,, ଉପେନ୍ଦ୍ର ଭଞ୍ଜସଙ୍ଗୀତ	ଟ ୦ ।
,, କାଳଦଳନ	ଟ ୦ ୯
,, ବକାରବୋଲି	ଟ ୦ ୭
,, ଗଜନିସ୍ତାରଣ	ଟ ୦ ୭
,, ନବଗ୍ରହ	ଟ ୦ ୭
,, ମନବୋଧ ଚଉତିଶା	ଟ ୦ ୭
,, ଅଧଶୋକ	ଟ ୦ ୭
,, ଗଡପାଠ ସ୍ୱ.	ଟ ୦ ୭
,, ବସ୍ତ୍ରହରଣ	ଟ ୦ ୭
,, ଅଳଙ୍କାରବୋଲି	ଟ ୦ ୭
,, ନାମରତ୍ନଗୀତା ୧ମ	ଟ ୦ ।୵
,, ,, ୨ୟ ୩ୟ	ଟ ୦ ।୵

ମ୍ୟାନେଜର ଗଣେଶ ଭଣ୍ଡାର

ନଂ [illegible]ମୁର ଲେନ୍ ମୁଚଲ୍ଲୀ । ପୋଃ । ବହୁବଜାର । କଲିକତା ।